# ଝିଂଟିକା ମାରି ବଣି ପୋଷିବା

ଗିରିଧର ଗମାଂଗଂକର ମେରୀରାଯ୍ ଶାସନ ଓ ଅନୁଷ୍ଠାନ ଭାଂଗିବାର ନିଶା କେବଳ ତାଂକୁ ନୁହେଁ, ତାଂକ ମଂତ୍ରିମଂଡଳର ଆହୁରି ଅନେକ ବରିଷ୍ଠ ମଂତ୍ରୀଂକୁ ମଧ୍ୟ ଘାରିଛି । ସମବାୟ ବିଭାଗ ଦାୟିତ୍ୱରେ ଥିବା ମଂତ୍ରୀ ବସଂତ ବାବୁଂକର ୫୬ଟି କାଡ଼୍ ବ୍ୟାଂକର ସମାପନ ନିଷ୍ପତ୍ତି ତାହାର ଅନ୍ୟ ଏକ ଜ୍ୱଳଂତ ଉଦାହରଣ । ଯେଉଁ ପରିସ୍ଥିତିରେ ଏବଂ ଯେପରି ଭାବରେ ଏ ନିଷ୍ପତ୍ତି ନିଆଗଲା, ତାହାକୁ ଅନୁଶୀଳନ କଲେ ଆମ ସରକାର ଏବେ କିପରି ଚାଲିଛି ତାହାର ଏକ ସ୍ଥୂଳ ଧାରଣା କରିହେବ ।

୬୦ ବର୍ଷ ତଳେ ଓଡ଼ିଶାର କୃଷକ ଭାଇମାନଂକୁ ଦୀର୍ଘ ମିଆଦି ଋଣ ଯୋଗାଇ ଦେବା ପାଇଁ କାଡ଼୍ ବ୍ୟାଂକର ପରିକଳ୍ପନା କରାଯାଇଥିଲା । ସେତେବେଳେ ତାହାକୁ ଭୂ-ଉନ୍ନୟନ ବ୍ୟାଂକ ନାମରେ ଆମେ ସମସ୍ତେ ଜାଣିଥିଲେ । ପରବର୍ତ୍ତୀ ସମୟରେ କୃଷି ଉନ୍ନୟନ ବ୍ୟାଂକ ନାମରେ ଏହାକୁ ନାମିତ କରାଯାଇଛି । ବିହନ, ସାର ଇତ୍ୟାଦି କୃଷି ଉପାଦାନ ପାଇଁ ସ୍ୱଳ୍ପ ମିଆଦି ଋଣ ଆବଶ୍ୟକ ପଡୁଥିବା ବେଳେ ଜମିକୁ ଅଧିକ ଉତ୍ପାଦନକ୍ଷମ କରିବା ପାଇଁ ତଥା ଚାଷୀ ଭାଇଂକର ଆର୍ଥିକ ମାନଦଂଡ ଓ କୃଷି ଭିତ୍ତିଭୂମିକୁ ମଜବୁତ୍ କରିବା ପାଇଁ ଦୀର୍ଘ ମିଆଦି ଋଣର ଆବଶ୍ୟକତା ପଡ଼ିଥାଏ । ଏ ଅନୁଷ୍ଠାନଗୁଡ଼ିକ ସମବାୟ ଭିତ୍ତିରେ ସଂପୂର୍ଣ୍ଣ ଗଣତଂତ୍ରିକ ପଦ୍ଧତିରେ ଗଠିତ ହୋଇଥାଂତି । ବିଗତ ବର୍ଷଗୁଡ଼ିକରେ ଏ ଅନୁଷ୍ଠାନଗୁଡ଼ିକର ଆର୍ଥିକ ଅବସ୍ଥାକୁ ଲକ୍ଷ୍ୟ କଲେ ଉତ୍ସାହିତ ହେବାର ବିଶେଷ କିଛି ନାହିଁ । ଉଦାରୀକରଣର ପ୍ରଭାବରେ ବହୁ ପ୍ରତିଦ୍ୱଂଦ୍ୱୀ ଋଣ ଯୋଗାଣକାରୀ ସଂସ୍ଥାର ଉଦ୍‌ଭବ ହୋଇଛି ଏବଂ ଗତ ଦୁଇ ଦଶଂଧିର ଗଣତଂତ୍ରିକ ରାଜନୀତିର ଚାପରେ ତଥାକଥିତ ଲୋକାନୁକୂଳ ଆର୍ଥିକ ନୀତି ଏବଂ ଋଣମେଳା ଓ ଋଣ ଛାଡ଼ର ସଂସ୍କୃତିରେ ଏ ଅନୁଷ୍ଠାନଗୁଡ଼ିକର ଯେ ଅବକ୍ଷୟ ଘଟିଛି ତାହାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ତେବେ ଶିରୋନାସ୍ତି ଶିର ପୀଡ଼ା ନ୍ୟାୟରେ ସେଗୁଡ଼ିକର ସମାପନ ନିଷ୍ପତ୍ତିକୁ ମଧ୍ୟ ସହଜରେ ଗ୍ରହଣ କରିହେଉ ନାହିଁ ।

ସମାପନ ନିଷ୍ପତ୍ତିର ପୂର୍ବାପର ପ୍ରସଂଗକୁ ଲକ୍ଷ୍ୟ କଲେ ପ୍ରଶାସନିକ ବ୍ୟବସ୍ଥା କିପରି ଏକ ଖିଆଲ ଓ ମଂଦଉଦ୍ଦେଶ୍ୟ ପ୍ରଣୋଦିତ ହୋଇପାରିଛି, ତାହା ସ୍ପଷ୍ଟ ହୋଇଯାଏ । ସରକାର ବହୁ ଦିନରୁ କାଡ଼୍ ବ୍ୟାଂକଗୁଡ଼ିକୁ ରୁଗ୍‌ଣ ଅବସ୍ଥାରୁ ମୁକ୍ତ କରିବା ପାଇଁ ଗଂଭୀରତାର ସହ ଚିଂତା କରିଆସୁଥିଲେ । ୧୭.୧୦.୯୮ ତାରିଖରେ ଏ ସଂପର୍କରେ ଏକ ବୃହତ୍ତ ଆକ୍ସନ୍ ପ୍ଲାନ୍‌ର କଳ୍ପନା ମଧ୍ୟ କରିଥିଲେ । ଏହାକୁ ଶୀଘ୍ର କାର୍ଯକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ସେହି ନିଷ୍ପତ୍ତି ଅନୁଯାୟୀ, ଯେଉଁ ବ୍ୟାଂକଗୁଡ଼ିକୁ ସଚଳ କରାଯାଇପାରିବ ସେଗୁଡ଼ିକୁ ଚିହ୍ନଟ କରିବା ସହିତ ଅନ୍ୟଗୁଡ଼ିକୁ ସମାପନ କରିଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ପୁଣି ଖର୍ଚ୍ଚକାଟ କରିବା ସଂଗେ ସଂଗେ ଅଳ୍ପସଂଖ୍ୟକ କର୍ମଚାରୀଂକୁ ନେଇ ଏକ ମିଳିତ କ୍ୟାଡ଼ର୍ ଦ୍ୱାରା ବ୍ୟାଂକ ଚଳାଇବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ମଧ୍ୟ

## ଆମ ଘରର ହାଲ୍‌ଚାଲ୍

ସୌମ୍ୟରଂଜନ ପଟ୍ଟନାୟକ

ଦିଆଯାଇଥିଲା । ତାହା କାର୍ଯକାରୀ ହେଲା ନାହିଁ କାହିଁକି ? ପରବର୍ତ୍ତୀ ସମୟରେ ବିଭାଗୀୟ ସଚିବଂକ ଅଧ୍ୟକ୍ଷତାରେ ଏକ କମିଟି ଗଢ଼ାଯାଇ ଏହି ବ୍ୟାଂକଗୁଡ଼ିକର ପୁନରୁଦ୍ଧାର ପାଇଁ ନିର୍ଦ୍ଦିଷ୍ଟ ପ୍ରସ୍ତାବ ଦେବା ନିମଂତେ କମିଟିକୁ କୁହାଗଲା । କମିଟି ତାଂକର ବୃହତ୍ତ ରିପୋର୍ଟ ୫.୫.୯୯ରେ ଦେଲେ । ଏହି ରିପୋର୍ଟରେ ପ୍ରାୟ ୪୬ଟି ବ୍ୟାଂକକୁ ୫ ବର୍ଷ ମଧ୍ୟରେ ସଚଳ କରାଯାଇପାରିବ ବୋଲି କେବଳ ଆସ୍ଥା ପ୍ରକଟ କରାଗଲା ନାହିଁ, ଆବଶ୍ୟକ ଅନୁଦାନ ଏବଂ ସମର୍ଥନ ମଧ୍ୟ ଯୋଗାଇ ଦେବା ପାଇଁ ସରକାରଂକୁ ଆହ୍ୱାନ କରାଗଲା । ଏ ପ୍ରସ୍ତାବ ସପକ୍ଷରେ ବଳିଷ୍ଠ ଯୁକ୍ତିର ମଧ୍ୟ ଅବତାରଣା କରାଗଲା । କୁହାଗଲା, କେଂଦ୍ର ସରକାର ରୁଗ୍‌ଣ ଗ୍ରାମ୍ୟବ୍ୟାଂକଗୁଡ଼ିକୁ ଯେପରି ଆର୍ଥିକ ଅନୁଦାନ ଦେଇ ସବୁଦିନ ପାଇଁ ସୁସ୍ଥ କରିଛଂତି, କାଡ଼୍ ବ୍ୟାଂକଗୁଡ଼ିକ ପାଇଁ ମଧ୍ୟ ଅନୁରୂପ ବ୍ୟବସ୍ଥା କରିବା ଦରକାର । ପୁଣି କୁହାଗଲା ଯେ, କେଂଦ୍ର ସରକାର ଏଥିପାଇଁ ୧୬୧ କୋଟି ଟଂକାର ଯେଉଁ ବ୍ୟବସ୍ଥା କରିଛଂତି, ତାହାର ସୁଯୋଗ ମଧ୍ୟ ନେବା ଦରକାର । କେଂଦ୍ର ସରକାରଂକ ଆର୍ଥିକ ସାହାଯ୍ୟ ମିଳିବା ପର୍ଯଂତ ରାଜ୍ୟ ସରକାର ସ୍ୱଳ୍ପମିଆଦି ଋଣ ମଧ୍ୟ ଦେବା ଉଚିତ୍ । କିଂତୁ, ମେ ମାସ ୫ ତାରିଖର ନିଷ୍ପତ୍ତି ପୁଣି କିପରି ଜୁନ୍ ୧୧ ତାରିଖରେ ପୁରାପୁରି ଓଲଟି ଗଲା ? ଯେଉଁ ଚରିତ୍ରମାନଂକର ସହମତିରେ ଓଲଟା ଗଂଗା ବହିଲା, ସେମାନେ ମଧ୍ୟ ପୂର୍ବ ନିଷ୍ପତ୍ତିଗୁଡ଼ିକରେ ନିଜର ସହମତି ଦେଇଥିଲେ ।

ଟିକିଏ ତଳେଇ ଦେଖିଲେ, ଅସଲ ରହସ୍ୟ ଉଦ୍‌ଘାଟିତ ହୋଇପାରିବ । ସରକାରଂକ ପାଖରେ ମୁଖ୍ୟତଃ ତିନିଟି ସମସ୍ୟା ଥିଲା । ସେ ସବୁଥିରେ ନାବାର୍ଡ଼ ସଂପୃକ୍ତ । କାଡ଼୍ ବ୍ୟାଂକଗୁଡ଼ିକର ପୁନରୁଦ୍ଧାର, ଆର୍.ଆଇ.ଡି.ଏଫ୍. ପାଂଠି ଲଗାଣ ଓ ଏନ୍.ଆର୍.ସି. ପାଂଠି ଲଗାଣ । ଆମ ଅନୁସଂଧାନରୁ ଯାହା ଜଣାପଡୁଛି, ସରକାର ଏହି ତିନିଟିଯାକ କ୍ଷେତ୍ରରେ ନିୟମର ଖିଲାପ କରିଥିବାରୁ ନାବାର୍ଡ଼ ପାଂଠି ଛାଡ଼ିବା ପାଇଁ ଅମଂଗ ହେଉଥିଲା । ଆର୍.ଆଇ.ଡି.ଏଫ୍. ବାବଦକୁ ପ୍ରାୟ ୮୫ କୋଟି ଟଂକା ପାଇବାର ଥିଲା । ୮୫ କୋଟି ଟଂକା ପାଇଲେ ବସଂତ ବାବୁ କିପରି ଉପକୃତ ହୋଇଥାଂତେ, ସେକଥା ଖୋଲି କହିବାର ଆବଶ୍ୟକତା ନାହିଁ । ତେଣୁ, ମାତ୍ର ୩୦ କୋଟି ଟଂକା ନାବାର୍ଡ଼କୁ ଦେଇ ସବୁଦିନ ପାଇଁ କାଡ଼୍ ବ୍ୟାଂକଗୁଡ଼ିକୁ ବଂଦ କରିଦେବାର ନିଷ୍ପତ୍ତି ନିଆଗଲା । କୃଷିମଂତ୍ରୀଂକର କୃଷି ଏବଂ କୃଷକଂକ ପାଇଁ କେତେ ଦରଦ ଏଥିରୁ ସହଜରେ ଅନୁମେୟ । ଓଡ଼ିଶାର କଥିତ ପ୍ରଗତି ପାଇଁ କାଡ଼୍ ବ୍ୟାଂକଗୁଡ଼ିକୁ ବଳି ପକାଗଲା । ୧୯୯୭-୯୮ ମସିହାର କ୍ୟାଗ୍ ରିପୋର୍ଟ ଏବେ ବିଧାନସଭାରେ ଉପସ୍ଥାପିତ ହୋଇଛି । ବସଂତ ବାବୁଂକର ଖିଆଲ୍ ଏବଂ ଲୋଭ ରାଜ୍ୟକୁ ଶତାଧିକ କୋଟି ଟଂକା କ୍ଷତିରେ ପକାଇଥିବା ବେଳେ ଆମକୁ ଏବଂ ଆମର ଉତ୍ତର ପୁରୁଷଂକୁ ଋଣ ଯଂତାକୁ ଠେଲି ଦେଇଛି । ଆମ ବିଚାରରେ କାଡ଼୍ ବ୍ୟାଂକଗୁଡ଼ିକର ସମାପନ ନିଷ୍ପତ୍ତି ମଧ୍ୟ ବସଂତ ବାବୁଂକର ଏକ ଖିଆଲ ଏବଂ ଏହା ଝିଂଟିକା ମାରି ବଣି ପୋଷିବା ସଦୃଶ ହୋଇଛି ।

ଏବେ ବି ସମୟ ଅଛି, ସରକାର ତାଂକ ନିଷ୍ପତ୍ତିର ପୁନର୍ବିଚାର କରଂତୁ ।